
ପିଲାମାନଙ୍କ ପାଇଁ ବାଇବଲ
ଉପହାର



# ବୁଦ୍ଧିମାନ୍ ରାଜା
# ଶଲୋମନ

ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus
Alastair Paterson
ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରଯୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ
ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ
ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ରାଜା ଦାଉଦ ସଦାପ୍ରଭୁଙ୍କ ମହାନ ଦାସ ଥିଲେ । ତାଙ୍କ ରାଜତ୍ୱ କାଳରେ, ଶାଉଲଙ୍କ ଅପେକ୍ଷା ତାଙ୍କ ଶାସନରେ ଇସ୍ରାଏଲ ଦଶ ଗୁଣରେ ବୃଦ୍ଧି ପାଇଥିଲା । କିନ୍ତୁ ବର୍ତ୍ତମାନ୍ ସେ ଆଉ ରାଜ୍ୟ କରି ପାରିଲେ ନାହିଁ । ସେ




ବୃଦ୍ଧ, ଦୁର୍ବଳ ଓ ଜଗତେରେ ତାଙ୍କର ଶେଷ ସମୟ ଉପସ୍ଥିତ ହେଲା ଏବଂ ସେ ଗତବୟସ୍କ ହେଲେ ।



ଦାଉଦଙ୍କ ଅନେକ ପୁତ୍ରମାନଙ୍କ ମଧ୍ୟରୁ, ଆଦୋନୀୟ, ଆପଣାକୁ ବଡ଼କରି କହିଲା, ମୁଁ ଇସ୍ରାଏଲର ରାଜା ହେବି, ଯଦିବା ତାଙ୍କ ନାମର ଅର୍ଥ ସଦାପ୍ରଭୁ ମୋହର ପରମେଶ୍ୱର ଥିଲା, ତଥାପି ସେ ଉତ୍ତମ ସ୍ୱଭାବି ନ ଥିଲା । ଦାଉଦ ଯେ ପ୍ରତିକାର କରିବାକୁ ଅତ୍ୟଧିକ ଦୁର୍ବଳ ଅଟନ୍ତି, ସେ ଏହା ଜାଣି ରାଜ ସିଂହାସନକୁ ଚୋରି କରିବାକୁ ପ୍ରୟାସ କଲା । କିନ୍ତୁ ସଦାପ୍ରଭୁଙ୍କର ଭିନ୍ନ ଯୋଜନା ଥିଲା ।





ଦାଉଦଙ୍କ ପତ୍ନୀ ବତ୍‌ଶେବା ଜ୍ଞାତଥିଲେ ଯେ
ଦାଉଦଙ୍କ ଉତ୍ତାରେ ତାଙ୍କ ପୁତ୍ର ଶଲୋମନ
ଦାଉଦଙ୍କ ସ୍ଥାନରେ ରାଜା ହେବେ ।
ସେ ଆଦୋନୀୟର ଯୋଜନା ବିଷୟରେ
ଦାଉଦଙ୍କୁ ଜ୍ଞାତ କରାଇଲେ । ରୋଗରେ
ଆକ୍ରାନ୍ତ ଦାଉଦ ନିଜର ସମସ୍ତ
ଯାଜକଗୋଷ୍ଠି, ଭବିଷ୍ୟତବକ୍ତାଗଣ
ଓ ସମସ୍ତ ଇସ୍ରାଏଲ୍ ଗୋଷ୍ଠି
ସମ୍ମୁଖରେ ଶଲୋମନଙ୍କୁ
ଇସ୍ରାଏଲର ରାଜା କଲେ ।





ଶଲୋମନଙ୍କ ନିମନ୍ତେ ପୁନର୍ବାର କୌଣସି ଆପଦ ନୋହିଁଲା କାରଣ ଇସ୍ରାଏଲର ସମସ୍ତ ଗୋଷ୍ଠି ଦାଉଦଙ୍କୁ ବିଶ୍ୱାସ କଲେ । ସେ ସେମାନଙ୍କୁ କହିଲେ, ଶଲୋମନଙ୍କୁ ସଦାପ୍ରଭୁ ଇସ୍ରାଏଲର ରାଜା ଭାବରେ ଅଭିଷେକ କରିଅଛନ୍ତି । କେତେକାଳ ପରେ ଦାଉଦଙ୍କର ମୃତ୍ତୁ ହେଲା ।





ଦାଉଦଙ୍କ ମୃତ୍ୟୁ ପୂର୍ବରୁ, ସେ ଶଲୋମନଙ୍କ ସହିତ ଆଳାପ କଲେ ଓ ପରମେଶ୍ୱରଙ୍କୁ ଭୟକରି ଉତ୍ତମ ରାଜା ହେବାନିମନ୍ତେ ତାହାଙ୍କୁ ଉପଦେଶ ଦେଲେ । ଦାଉଦ ତାହାଙ୍କୁ କହିଲେ, ସଦାପ୍ରଭୁଙ୍କ ପଥରେ ଗମନ କର, ତେବେ ତୁମ୍ଭେ ଯାହାକିଛି କର ତହିଁରେ ସଫଳ ହେବ । ତାହା ଏକ ଉତ୍ତମ ଉପଦେଶ ଥିଲା । ତାହାପରେ ଶଲୋମନ ତାଙ୍କ ପିତା ଦାଉଦଙ୍କ ସିଂହାସନରେ ବସିଲେ ଏବଂ ତାଙ୍କ ରାଜତ୍ୱ ଦୃଢ଼ଭାବରେ ସ୍ଥାପିତ ହେଲା ।

ଏକ ରାତ୍ରୀରେ, ଶଲୋମନ ସ୍ୱପ୍ନ ଦେଖିଲେ । ତାଙ୍କ ସ୍ୱପ୍ନରେ, ସଦାପ୍ରଭୁ ଆବିର୍ଭାବ ହେଲେ ଓ କହିଲେ, ମାଗ,

ମୁଁ ତୁମ୍ଭ ନିମନ୍ତେ କଅଣ କରିକରିପାରେପରେ, ତୁମ୍ଭେ ଯାହା ଚାହଁ ମାଗିପାର ।

ଶଲୋମନ କିନ୍ତୁ ଜ୍ଞାନ ଯାଚନା କଲେ ଯେପରି ସେ ଉତ୍ତମ ...



... ରାଜା ହୋଇପାରିବେ । ଯୁବରାଜାଙ୍କ ଅନୁରୋଧରେ ସଦାପ୍ରଭୁ ଅତ୍ୟନ୍ତ ଖୁସି ହେଲେ । ଶଲୋମନ ଯାହା ମାଗିଲେ ତାହା ପାଇଲେ ପୁଣି ସଦାପ୍ରଭୁ ତାହାଙ୍କୁ ମହାଧନ ଓ ସମ୍ମାନ ମଧ୍ୟ ପ୍ରଦାନ କରିବାକୁ ପ୍ରତିଜ୍ଞା କଲେ ।




ଶଲୋମନଙ୍କୁ ଜ୍ଞାନ ଖୋଜି ପାଇବାକୁ ଅଧିକ ସମୟ ଲାଗି ନଥିଲା ।
ଦିନକର ଘଟଣା, ଦୁଇ ସ୍ତ୍ରୀ ଏକ ସନ୍ତାନ ସହିତ ତାଙ୍କ ନିକଟକୁ



ଆସିଲେ । ପ୍ରଥମ ସ୍ତ୍ରୀ କହିଲା, ଏହି ସ୍ତ୍ରୀ ପୁତ୍ର ଗତ ରାତ୍ରୀରେ
ମରିଯାଇଅଛି, ଏବଂ ସେ ନିଜର ମୃତ ପୁତ୍ରକୁ
ଆମ୍ଭପାଖରେ ଛାଡ଼ି ମୋହର ଜୀବନ୍ତ
ନେଇଯାଇଛି । ନୁହେଁ, ବଞ୍ଚିଥିବା ପୁତ୍ରଟା
ମୋହର ଓ ମୃତ ପୁତ୍ରଟି ତୁମର
ଦ୍ଵୀତୀୟ ସ୍ତ୍ରୀ କହିଲା । କିପରି
ଭାବରେ ରାଜା କହିପାରିବେ କେଉଁଟା
ପ୍ରକୃତରେ ଜୀବିତ ସନ୍ତାନର ମାତା?

ତାହାପରେ ରାଜା କହିଲେ, ମୋତେ ଏକ ଖଣ୍ଡା ଦିଅ । ସେମାନେ ଏକ ଖଣ୍ଡା ରାଜାଙ୍କ ସମ୍ମୁଖକୁ ଆଣିଲେ । ତୁମେ କଅଣ ଭାବ, ରାଜା ଖଣ୍ଡାରେ କଅଣ କରିବାକୁ ଚାହୁଁଥିଲେ?



ଏବଂ ରାଜା କହିଲେ, ଏହି ଜୀଅନ୍ତା ପିଲାଟିକୁ ଦୁଇଖଣ୍ଡ କରି ଜଣକୁ ଅଧେ ଓ ଅନ୍ୟଜଣକୁ ଅଧେ ଦିଅ । ସେତେବେଳେ ଜୀଅନ୍ତା ପିଲାର ମାତା କହିଲେ, ହେ ମୋର ପ୍ରଭୁ, ସେହି ଜୀଅନ୍ତା ପିଲାକୁ ତାହକୁ ଦିଅନ୍ତ କୌଣସିମତେ ତାହାକୁ ବଧ ନକରନ୍ତୁ ।



ମାତ୍ର ଅନ୍ୟ ସ୍ତ୍ରୀ କହିଲା, ସେ ମୋହର
ନୋହୁ କି ତୁମ୍ଭର ନୋହୁ ତାହାକୁ ଦୁଇ
ଖଣ୍ଡ କର ।





ସେତେବେଳେ ରାଜା କହିଲେ, ପ୍ରଥମ ସ୍ତ୍ରୀଙ୍କୁ ସେହି ଜୀବିତ ବାଳକ ଦିଅ, ସେ ତାହର ମାତା । ଆଉ ସମଗ୍ର ଇସ୍ରାଏଲ୍ ରାଜାଙ୍କର ଏହି ନିଷ୍ପତ୍ତି ଦେଖି ରାଜାଙ୍କୁ ଭୟ କଲେ । ସେମାନେ ଦେଖିଲେ ଯେ ବିଚାର କରିବା ନିମନ୍ତେ ତାଙ୍କର ଅନ୍ତରରେ ପରମେଶ୍ୱର ଦତ୍ତ ଜ୍ଞାନ ଅଛି ।


ସଦାପ୍ରଭୁଙ୍କ ଉପାସନା ନିମନ୍ତେ ଇସ୍ରାଏଲୀୟ
ମାନଙ୍କର କୌଣସି ଏକ ମନ୍ଦିର ନଥିଲା ।
ଯେତେବେଳେ ଦାଉଦ ଏକ ମନ୍ଦିର ନିର୍ମାଣ
କରିବାକୁ ମନସ୍ଥ କଲେ, ସଦାପ୍ରଭୁ କହିଲେ,
ତୁମ୍ଭର ପୁତ୍ର ମୋ ନାମରେ
ଏକ ମନ୍ଦିର
ନିର୍ମାଣ କରିବ ।
ଶଲୋମନ ଯୀରୁଶାଲମରେ ଏକ ବୃହତ୍
ଗୃହ ନିର୍ମାଣ ଆରମ୍ଭ କଲେ ।

ସେହି ମନ୍ଦିର ନିର୍ମାଣ କରିବାକୁ
ପ୍ରାୟ ସାତ ବର୍ଷ ସମୟ
ଲାଗିଥିଲା । କିନ୍ତୁ ସମୟ
ଆସିଗଲା ଯେତେବେଳେ
ସମସ୍ତ ଲୋକ



ଏକତ୍ରୀତ ହୋଇଗଲେ କାରଣ
ରାଜା ଶଲୋମନ ସେହି ଗୃହକୁ
ସଦାପ୍ରଭୁଙ୍କ ଉଦ୍ଧେଶ୍ୟରେ ଉତ୍ସର୍ଗ କଲେ ।


କିନ୍ତୁ ଅଦ୍ଭୁତ ପ୍ରାର୍ଥନା ଉତ୍ତାରେ,
ରାଜା ଓ ଲୋକମାନେ ସମସ୍ତେ
ମିଶି ଆନନ୍ଦରେ ହଜାର
ସଂଖ୍ୟାରେ ସଦାପ୍ରଭୁଙ୍କୁ
ବଳି
ଉତ୍ସର୍ଗ କଲେ ଏବଂ
ଦୁଇ ସପ୍ତାହ ପର୍ଯ୍ୟନ୍ତ ମହାଭୋଜ
କରି ଉତ୍ସବ ମନାଇଲେ ।

ଏହାପରେ, ସଦାପ୍ରଭୁ ପୁନର୍ବାର


ଶଲୋମନଙ୍କୁ ଦେଖାଦେଲେ ଏବଂ

ଶଲୋମନ୍ ଓ ଇସ୍ରାଏଲକୁ ସେହି ସମୟ

ପର୍ଯ୍ୟନ୍ତ ଆଶିର୍ବାଦ କରିବାକୁ ପ୍ରତିଜ୍ଞା କଲେ

ଯେ ପର୍ଯ୍ୟନ୍ତ ସେମାନେ ତାଙ୍କ

ଆଜ୍ଞା ପାଳନ କରିବେ ।





ଦୁଃଖର କଥା ଏହି ଯେ ସେମାନଙ୍କ ମଧ୍ୟରୁ କେହିମଧ୍ୟ ଶଲୋମନ କିମ୍ବା ଇସ୍ରାଏଲୀୟମାନେ ନିରନ୍ତର ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେନାହିଁ । ସଦାପ୍ରଭୁ ଯେଉଁମାନଙ୍କୁ ବିବାହ କରିବାକୁ ମନା କରିଥିଲେ ସେହି ସ୍ତ୍ରୀ ମାନଙ୍କୁ ରାଜା ବିବାହ କଲେ ।



ତାଙ୍କର ବିଦେଶି ସ୍ତ୍ରୀ ମାନେ ତାଙ୍କର ହୃଦୟ ପ୍ରତିମା ପୂଜା ଆଡ଼କୁ ନେଇଗଲେ, ଏବଂ ତାଙ୍କର ହୃଦୟ ତାଙ୍କର ପିତା ଦାଉଦଙ୍କ ସମାନ ସଦାପ୍ରଭୁଙ୍କ ନିଷ୍ଠାବାନ୍ ରହିଲା ନାହିଁ ।




ଯେତେବେଳେ ଶଲୋମନ ସଦାପ୍ରଭୁଙ୍କର ବାଧ୍ୟତା ହେବାର ସୁଯୋଗକୁ ଦୁର୍ବ୍ୟବହାର କଲେ, ତାଙ୍କ ଅଫିସରମାନଙ୍କ ମଧ୍ୟରୁ ଯାରବୟାମ ନାମକ ଅଫିସର ଅନ୍ୟ ଧରଣର ଅଭିଜ୍ଞତା ଅନୁଭବ କଲେ । ଏକ ଭବିଶ୍ୟତବକ୍ତା ତାହାଙ୍କୁ କହିଲେ, ...




... ସଦାପ୍ରଭୁ ଶଲୋମନଙ୍କ ରାଜ୍ୟକୁ ଭାଗ କରିବାକୁ ଯାଉଛନ୍ତି ଏବଂ ଯାରବିୟାମ ଇସ୍ରାଏଲର ବାରଟି ଗୋଷ୍ଠି ମଧ୍ୟରୁ ଦଶଟି ଗୋଷ୍ଠିକୁ ନେଇ ରାଜ୍ୟ କରିବେ । ଯାରବିୟାମ ଶିଘ୍ର ମିଶର ଦେଶକୁ ପଳାୟନ କଲେ । ସେ ଜାଣିଥିଲେ ଯଦି ସେ ରହିବେ ତେବେ ଶଲୋମନ ନିଶ୍ଚିତଭାବରେ ତାଙ୍କୁ



ବଧ କରିବେ ।



ପରିଶେଷରେ ଶଲୋମନଙ୍କର ମୃତୁହେଲା । ତାଙ୍କର ପୁତ୍ର, ରିହବିୟାମ, ଶଲୋମନଙ୍କଠାରୁ ମଧ୍ୟ ଅଧିକ ପରିମାଣରେ ଲୋକମାନଙ୍କଠାରୁ କର ଆଦାୟ କଲେ । ଦଶଗୋଷ୍ଠି ତାଙ୍କ ବିରଦ୍ଧରେ ବିଦ୍ରୋହ କଲେ ଓ ଯାରବୟାମଙ୍କୁ ସେମାନଙ୍କର ନେତା ଚୟନ କଲେ ।



ଶଲୋମନଙ୍କର ସେହି
ମହାନ ଦେଶ ଦୁଇ
ଭାଗରେ ବିଭାଜିତ ହେଲା,
ଯେପରି ସଦାପ୍ରଭୁ ନିଜ
ଭବିଷ୍ୟତବକ୍ତାଙ୍କ ଦ୍ୱାରା
କହିଥିଲେ । ସଦାପ୍ରଭୁ
ଅବଜ୍ଞାକାରିଙ୍କୁ କଦାପି
ଆଶିର୍ବାଦ କରିନ୍ତି ନାହିଁ ।

ବୁଦ୍ଧିମାନ୍ ରାଜା ଶଲୋମନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରଥମ ରାଜାବଳୀ ୧-୧୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯ୍ୟନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬